# Akashvani, Sambalpur

# SAMBALPURI NEWS EVENING BULLETIN

## 18 july 2026-7.02- 7.12 pm.

---

୧- ଶ୍ରୀକ୍ଷେତ୍ର ପୁରୀ ନ ଆଉ କିଛି ସମିଆ ଉତ୍ରୁ ଆଡ଼ପ ମଣ୍ଡପ୍କେ ବିଜେ କର୍ବେ ଚତୁର୍ଦ୍ଧାମୂର୍ତ୍ତି ।

- ଆଏବା କାଏଲ୍ଠାନୁ ଗୁଣ୍ଡିଚା ମନ୍ଦିର୍ ନ ମିଲ୍ବା ଆଡ଼ପ ଅବଢ଼ା ।

୨- ରାଏଜେ ନୂଆଁକରି ନିଯୁକ୍ତ ହେଇଥିବା ସ୍ୱତନ୍ତ୍ର ଉନ୍ନୟନ୍ ପରିଷଦ୍ର ଅଧକ୍ଷ ଆଉ ଉପାଧକ୍ଷଙ୍କର୍ ସାଙ୍ଗେ ଭିନ୍ ଭିନ୍ ବିଷେଥି ଆଲୋଚନା କଲେ ମୁଖ୍ୟମନ୍ତ୍ରୀ ।

୩- ଭୁବ୍ନେଶ୍ୱର୍ ଏମ୍ସର ସମାବର୍ତ୍ତନ୍ ଉତ୍ସବ୍ଥି ଛାତ୍ରଛାତ୍ରୀମାନ୍କୁ ଡିଗ୍ରୀ ପ୍ରଦାନ୍ କଲେ କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ୍ ।

ଆଉର୍

୪- କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟ ତର୍ଫୁ ଘୋଷ୍ନା ହେଲା ଜାତୀୟ ଚଳଚ୍ଚିତ୍ର ପୁରସ୍କାର୍ ।

- 'ଲହରୀ' ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ।

ରଥଯାତ୍ରା-ଆଡ଼ପ ମଣ୍ଡପକେ ବିଜେ      ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ଗୁଣ୍ଡିଚା ମନ୍ଦିର୍ ଆଗାଡ଼େ ରଥଥି ଭକ୍ତମାନ୍‌କୁ ଦର୍ଶନ୍ ଦଉଥିବା ଚତୁର୍ଦ୍ଧା ମୂର୍ତି ଆଉ କିଛି ସମିଆ ଉତ୍‌ରୁ ଆଡ଼ପ ମଣ୍ଡପ୍‌କେ ବିଜେ କର୍‌ବେ । ପହେଲା ମଦନ୍ ମୋହନ୍, ରାମ ଆଉ କୃଷ୍ଣ ବିଜେ କର୍‌ବାର୍ ଉତ୍‌ରୁ ସୁଦର୍ଶନ୍ ମାହାପୁରୁ ଆଡ଼ପ ମଣ୍ଡପ୍‌କେ ଯିବେ । ଇତାର୍ ଉତ୍‌ରୁ ଗୋଟି ପହଣ୍ଡିଥି ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ଆଉ ଶେଷେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଆଡ଼ପ ମଣ୍ଡପ୍‌କେ ବିଜେ କର୍‌ବେ । ଇଥିର୍‌ଲାଗି ତିନ୍‌ହି ରଥ ନ ଚାରମାଳ ବନ୍ଧା ସର୍‌ଲାନ । ଆଏଜ୍ ସଖାଲର୍ ସାଢ଼େ ୭ ବଜେ ମଙ୍ଗଳଆଲ୍‌ତୀ ହେଇଥିଲା । ଇତାର୍ ଉତ୍‌ରୁ ମଇଲମ, ତଡ଼ପଲାଗି, ଅବକାଶ, ବେଶ ଶେଷ, ଗୋପାଳବଲ୍ଲଭ, ସକାଳଧୂପ ଆଉ ମଧ୍ୟାହ୍ନଧୂପ ନୀତି କରାଯାଇଥିଲା । ତିନ୍‌ହି ରଥଥି ଦିନର୍ ୨ ବାଜିକରି ୧୫ ମିନିଟ୍‌ଥି ସନ୍ଧ୍ୟାଆଲ୍‌ତୀ ସରିଥିବାର୍ ବେଳେ ୩

ବାଜିକରି ୧୫ ମିନିଟ୍‌ଥି ସନ୍ଧ୍ୟା ଧୂପ ପୂଜା ଶେଷ୍ ହେଇଛେ । ସେଆଡ଼େ ଆଏବାକାଏଲ୍‌ଠାନୁ ଆଡ଼ପ ମଣ୍ଡପ୍ ନ ମାହାପୁରୁମାନ୍‌କୁ ଭକ୍ତମାନେ ଦର୍ଶନ୍ କର୍‌ବାର୍ ସହେତେ ଆଡ଼ପ ଅବଡ଼ା ପାଏବାର୍ ସୁଯୋଗ୍ ପାଏବେ । ଭକ୍ତମାନ୍‌କର୍ ଶୃଙ୍ଖଲିତ୍ ଦର୍ଶନ୍ ଲାଗି ପୁଲିସ୍ ପ୍ରଶାସନ୍ ତର୍‌ଫୁ ସବୁ ପ୍ରକାର୍ ବ୍ୟବସ୍ଥା କରାଯାଇଛେ ।

ସ୍ୱତନ୍ତ୍ର ଉନ୍ନୟନ୍ ପରିଷଦ୍ ବୈଠକ୍ ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର୍ ସ୍ୱତନ୍ତ୍ର ଉନ୍ନୟନ୍ ପରିଷଦ୍‌ର ନୂଆଁକରି ନିଯୁକ୍ତ ହେଇଥିବା ଅଧ୍ୟକ୍ଷ ଆଉ ଉପାଧ୍ୟକ୍ଷଙ୍କର୍ ସହେତେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଲୋକ୍‌ସେବା ଭବନ୍ ନ ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ କରିଛନ୍ । ଇଥି ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲାର୍ ୨୩ ଟା ସ୍ୱତନ୍ତ୍ର ଉନ୍ନୟନ୍ ପରିଷଦ୍‌ର ଅଧ୍ୟକ୍ଷ ଆଉ ଉପାଧ୍ୟକ୍ଷ ମାନେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ୍ ଥିବା ଅଧ୍ୟକ୍ଷ ଆଉ ଉପାଧ୍ୟକ୍ଷ ମାନ୍‌କୁ ପରାମର୍ଶ ଦେଇକରି କହିଛନ୍, ତାଙ୍କର୍ ସର୍‌କାର୍ ଆସ୍‌ବାର୍ ଉତ୍‌ରୁ ସମାଜ୍‌ର ସବୁ ବର୍ଗର୍

ଉନ୍ନତି ଲାଗି ପଦକ୍ଷେପ୍ ନିଆଯିବାର୍ ସହେତେ ଆଦିବାସୀ ମାନ୍‌କର୍ ବିକାଶ୍ ଲାଗି ସ୍ୱତନ୍ତ୍ର ପଦକ୍ଷେପ୍ ନିଆଯାଇଛେ । ତାଙ୍କର୍ ଲାଗି ରାଜନୀତି କ୍ଷମତା ଭୋଗ୍ କର୍‌ବାର୍ ମାଧ୍ୟମ୍ ନୁହେଁ, ଶେଷ୍ ଧାଡ଼ିଥି ଥିବା ଗରିବ୍ ଲୁକ୍‌ର ସେବା କର୍‌ବାର୍ ମାଧ୍ୟମ୍ ଆଏ । ସେଥିର୍‌ଲାଗି ଶେଷ୍ ଧାଡ଼ିତକ୍ ପୁହୁଁଚିକରି ଲୁକ୍‌କର୍ କାମ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ସମ୍‌କୁ ପରାମର୍ଶ ଦେଇଛନ୍ । ସେନ୍ତା ମୁଖ୍ୟମନ୍ତ୍ରୀ କେନ୍ଦ୍ର ସର୍‌କାର୍‌ଙ୍କର୍ ମୁଖ୍ୟମନ୍ତ୍ରୀ ଆଦି କର୍ମଯୋଗୀ ଅଭିଯାନ୍, ଧରତୀ ଆବା ଜନଭାଗିଦାରୀ ଅଭିଯାନ୍, ପି.ଏମ୍. ଜନମନ୍ ବାଗିର୍ ଯୋଜ୍‌ନା ବାବ୍‌ଦେ ସୂଚ୍‌ନା ଦେଇଥିଲେ । ବୈଠକ୍‌ଥି ଅନୁସୂଚିତ ଜନଜାତି ଆଉ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଆଉ ଉନ୍ନୟନ୍ କମିଶନର୍ ଦେଓରଞ୍ଜନ୍ କୁମାର୍ ସିଂ ଉପସ୍ଥିତ୍ ଥିଲେ ।

ଏମ୍‌ସ ସମାବର୍ତନ ଉତ୍ସବ ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଅଖିଲ୍ ଭାରତ ଆୟୁର୍ବିଜ୍ଞାନ୍ ସଂସ୍ଥାନ୍- ଏମ୍ସର ୬ ନମ୍ବର୍ ସମାବର୍ତନ୍ ଉତ୍ସବ୍ ପାଳିତ୍ ହେଇଯାଇଛେ । ଇଥି କେନ୍ଦ୍ର

ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ୬ ଶହ ୮୪ ଝନ୍ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ୍ କରିଛନ୍ । ଶ୍ରେଷ୍ଠ ଶିକ୍ଷାଗତ ପ୍ରଦର୍ଶନ୍ ଲାଗି ୩୨ ଝନ୍ ମେଧାବୀ ଛାତ୍ରଛାତ୍ରୀଙ୍କୁ ୬୧ ଟା ସ୍ୱର୍ଣ୍ଣପଦକ୍ ପ୍ରଦାନ୍ କରାଯାଇଛେ । ଇ ଅବ୍ସରେ ମନ୍ତ୍ରୀ ଶ୍ରୀମତୀ ପଟେଲ୍ ପାସ୍ ହେଇଥିବା ଛାତ୍ରଛାତ୍ରୀମାନ୍‌କୁ ଶୁଭେଚ୍ଛା ଜନେଇକରି କହିଛନ୍, ଧଲା କୋଟ୍ ବିଶ୍ୱାସ, ଦାୟିତ୍ୱ, ପ୍ରତିବଦ୍ଧତା ଆଉ ଅପାର ସୁବିଧାର୍ ପ୍ରତୀକ । ଇଟାକେ ଆତ୍ମବିଶ୍ୱାସ୍ ଆଉ କରୁଣା ସହେତେ ସଭେ ପିନ୍ଧ୍‌ବାର୍ ଦର୍‌କାର୍ । ଭାରତ୍‌ର ସ୍ୱାସ୍ଥ୍ୟସେବା କ୍ଷେତ୍ରର୍ ବିକାଶ୍ ଆଉ ପରିବର୍ତନ୍ ବାବ୍‌ଦେ ମନ୍ତ୍ରୀ କହିଛନ୍, ଦେଶେ ଆଘୋନୁ ଏମ୍ସ ୭ ଥିବାର୍ ବେଲେ ଏଛେନ୍ ୨୩ ଟାଥି ପୁହୁଁଚିଛେ । ଯେନ୍‌ଟାକି ସାରା ଦେଶେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଆଉ ଚିକିତ୍ସା ଶିକ୍ଷାର୍ ପ୍ରବେଶ୍‌କେ ବର୍‌କସ୍ କରୁଛେ । ଏମ୍ସ ନୁ ସ୍ନାତକ ହେଇଥିବା ଡାକ୍ତର୍‌ମାନ୍‌କର୍ ଗୁଟେ ସ୍ୱତନ୍ତ୍ର ପରିଚୟ ରହିଛେ । ସେମାନ୍‌କୁ ଡକ୍ଟର୍ ପ୍ଲସ୍ ଭାବେ ମନ୍ତ୍ରୀ ଶ୍ରୀମତୀ ପଟେଲ୍ ତାଙ୍କର୍ ଉଦ୍‌ବୋଧନ୍‌ଥି ବର୍ଣ୍ଣନା କରିଥିଲେ । ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର୍ ଆଶୁତୋଷ ବିଶ୍ୱାସ କହିଛନ୍, ଉନ୍ନତ ରୋଗୀ ସେବା ଲାଗି ଇତାର୍ ପ୍ରତିବଦ୍ଧତାକେ

ଆହୁରି ବର୍କସ୍ କରିକରି ସମ୍ପ୍ରତି ଶିଶୁ ଶଲ୍ୟ ଚିକିତ୍ସା ବିଭାଗ୍‌ଥି ଗୁଟେ ଉତ୍ସର୍ଗୀକୃତ ନବଜାତ ଶଲ୍ୟ ଚିକିତ୍ସା ୟୁନିଟ-ଆଇସିୟୁ ପ୍ରତିଷ୍ଠା କରାଯିବା । କାର୍ଯ୍ୟକ୍ରମ୍‌ଥି ରାଜ୍ୟ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଏମ୍ସ ଭୁବ୍‌ନେଶ୍ୱର୍ ପରିସର୍ ନ ଥିବା ଆଘର୍ ପ୍ରଧାନ୍‌ମନ୍ତ୍ରୀ ଆଉ ଭାରତ୍ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।

ସ୍ନାତକ ନାମଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଥିବା ସ୍ନାତକ ମହାବିଦ୍ୟାଳୟମାନ୍‌କେ ନାଁଲେଖା ଲାଗି ଆଏବା ସୋମ୍‌ବାର୍ ୨ ନମ୍ବର୍ ଖେପ୍ ମେଧା ତାଲିକା ବାହାର୍‌ବା । ମୋଟ୍ ୧ ହଜାର ୫୫ଟା ସ୍ନାତକ ମହାବିଦ୍ୟାଳୟଥି କଳା, ବିଜ୍ଞାନ, ବାଣିଜ୍ୟ, ସେଲ୍ଫ ଫାଇନାନସିଂ ଆଉ ସଂସ୍କୃତ ପାଠ୍ୟକ୍ରମଥି ୨ ଲାଖ୍ ୮୭ ହଜାର ୫ ଶହ ୧୯ଟା ଆସନ ଥିବାର୍ ବେଲେ ପହେଲା ଖେପେ ୮୪

ହଜାର ୩ ଶହ ୮୪ଟା ଆସନରେ ନାମଲେଖା ଶେଷ ହେଇଛେ । ଉଚ୍ଚଶିକ୍ଷା ବିଭାଗ ପରିଚାଲିତ ସାମ୍ସ ପୋର୍ଟାଲନୁ ମିଲିଥିବା ତଥ୍ୟ ଅନ୍‌ସାରେ, ସ୍ନାତକ କଳା ଶ୍ରେଣୀଥି ୧ ଲକ୍ଷ ୬ ହଜାର ୮ ଶହ ୮୦ଟା ଆସନ ଖାଲି ଥିବାର୍ ବେଲେ ବିଜ୍ଞାନ ଶ୍ରେଣୀଥି ୬୦ ହଜାର ୮ ଶହ ୨୮, ବାଣିଜ୍ୟଥି ୨୪ ହଜାର ୨ ଶହ ୮୮, ସେଲ୍ଫ ଫାଇନାନସିଂଥି ୪ହଜାର ଶହେ ୭୨ ଆର୍ ସଂସ୍କୃତ ପାଠ୍ୟକ୍ରମଥି ୬ ହଜାର ୭ ଶହ ୫୭ଟା ଆସନଥି ନାଁଲେଖା ହେବା । ଦୁଇ ନମ୍ବର୍ ଖେପ୍ ମେଧା ତାଲିକା ବାହାର୍‌ବାର୍ ଉତ୍‌ରୁ ଅଏବା ୨୧ ନୁ ୨୩ ତାରିଖ୍ ଭିତ୍‌ରେ ଯୋଗ୍ୟ ଛାତ୍ରଛାତ୍ରୀମାନେ ଶିକ୍ଷାନୁଷ୍ଠାନ୍‌କେ ଯାଇକରି ନାଁଲେଖେଇପାର୍‌ବେ । ଇ ମାସ ୨୯ ତାରିଖ୍‌ଥି ଶେଷ୍ ଖେପ୍ ମେଧା ତାଲିକା ବାହାର୍‌ବା । ଇ ମାସର୍ ୨୭ ତାରିଖ୍‌ନୁ ସ୍ନାତକ ଶ୍ରେଣୀଥି ପାଠ୍‌ପଢ଼ା ମୁଲ୍ ହେବାର୍ ସହେତେ ଉଚ୍ଚମାଧ୍ୟମିକ୍ ଶିକ୍ଷା ପରିଷଦ୍ ତରଫୁ ଆୟୋଜିତ୍ ଇନ୍‌ଷ୍ଟାଂଟ୍ ପରୀକ୍ଷା ଫଲ୍ ବାହାର୍‌ବାର୍ ଉତ୍‌ରୁ ଦୁଇ ନମ୍ବର୍ ଖେପ୍ ନାଁଲେଖା ଲାଗି ବିଜ୍ଞପ୍ତି ବାହାର୍‌ବା ବଲି ଜନାପଡ଼ିଛେ ।

ଜାତୀୟ ଚଳଚ୍ଚିତ୍ର ପୁରସ୍କାର          ଏନ୍‌ଏସ୍‌ଡି

କେନ୍ଦ୍ର ସର୍‌କାର୍‌ଙ୍କର୍ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟ ତର୍‌ଫୁ ୭୨ ନମ୍ବର୍ ଜାତୀୟ ଚଳଚ୍ଚିତ୍ର ପୁରସ୍କାର୍ ଆଏଜ୍ ଘୋଷ୍‌ନା କରାଯାଇଛେ । ଅଭିନେତ୍ରୀ ୟାମୀ ଗୌତମଙ୍କର୍ ଆର୍ଟିକିଲ୍ ୩୭୦ ଶ୍ରେଷ୍ଠ ଫିଚର୍ ଫିଲ୍ମ ଭାବେ ମନୋନୀତ ହେଇଛେ । ଶ୍ରେଷ୍ଠ ଅଭିନେତା ଭାବେ ମାଲାୟାଲମ୍ ଅଭିନେତା ଆଉ ପଦ୍ମଶ୍ରୀ ମାମୁଟି, ହିନ୍ଦୀ ଚଳଚ୍ଚିତ୍ର ଅଭିନେତା କାର୍ତିକ୍ ଆର୍ୟନ୍‌ଙ୍କୁ ବଛାଯାଇଛେ । ସେନ୍ତା ଅମର୍ତ୍ୟ ଭଟ୍ଟାଚାର୍ଯ୍ୟଙ୍କର୍ ନିର୍ଦ୍ଦେଶିତ 'ଲହରୀ' ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ ପୁରସ୍କାର୍ ପାଏବାର୍ ଲାଗି ମନୋନୀତ୍ ହେଇଛେ ।

ଦିବ୍ୟାଙ୍ଗ ଛାତ୍ରଛାତ୍ରୀ          ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନ୍‌କର୍ ଲାଗି କାମ୍ କରୁଥିବା ଖାସ୍ ବିଦ୍ୟାଳୟମାନ୍‌କର୍ ପରିଚାଳନା ବ୍ୟବସ୍ଥା ସୁସଂହତ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ପଦକ୍ଷେପ୍ ନେଇଛନ୍ । ଭିନ୍ ଭିନ୍

ସ୍ୱେଚ୍ଛାସେବୀ ସଂସ୍ଥା ତରଫ଼ୁ ପରିଚାଳିତ୍ ଖାସ୍ ବିଦ୍ୟାଳୟମାନ୍‌କର୍ ସର୍ଭେ କର୍‌ବାର୍ ଲାଗି ସର୍‌କାର୍ ନିର୍ଦ୍ଦେଶ୍ ଦେଇଥିବାର୍ ଜନାପଡ଼ିଛେ । ଇବାବ୍‌ଦେ ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ୍‌ର ଅତିରିକ୍ତ ଶାସନ୍ ସଚିବ ଭାସ୍କର ରଇତ ସବୁ ଜିଲ୍ଲା ସମାଜ୍ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଏଏସ୍‌ଆଇ ବୈଠକ ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ପ୍ରଶାସନ୍ କାର୍ଯ୍ୟାଳୟ ନ ଏ.ଏସ୍.ଆଇ.ର ଗୁରୁତ୍ୱପୂର୍ଣ୍ଣ ବୈଠକ୍ ହେଇଯାଇଛେ । ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ବୈଠକ୍‌ଥି ଅଧ୍ୟକ୍ଷତା କରିକରି ଗର୍ଭଗୃହ, ନାଟମଣ୍ଡପ ଆଉ ଭୋଗମଣ୍ଡପ୍‌ର ମରାମତି କାମ୍ ଲାଗି ବିସ୍ତୃତ୍ ଆଲୋଚନା କରିଥିଲେ ।

ବୌଦ୍ଧ-ତାଲିମ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଠାନେ ସହକାରୀ ନିର୍ବାଚନ୍ ପଞ୍ଜିକରଣ୍ ଅଧିକାରୀ, ସହାୟକ ଅଧିକାରୀ ଆଉ ବୈଷୟିକ୍ କର୍ମଚାରୀମାନ୍‌କର୍ ଲାଗି ପୋଷ୍ଟ ଡ୍ରାଫ୍ଟ୍ ତାଲିମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇଥି ଖସଡ଼ା ଭୋଟର୍ ତାଲିକା ବାହାର୍‌ବାର୍ ଉତ୍‌ରୁ ଦାଖଲ୍ ହଉଥିବା ଦାବି ଆଉ ଆପତି ଶୁଣାଣି, ତାର୍ ଯାଂଚ୍, ଆଇନ୍ ସମ୍ମତ ପ୍ରକ୍ରିୟାର୍ ଅନୁସରଣ୍ ଆଉ ସଠିକ୍ ନିଷ୍ପତି ଗ୍ରହଣ୍ ବାବ୍‌ଦେ ବିସ୍ତାର୍ ଭାବେ ତାଲିମ୍ ଦିଆଯାଇଥିଲା ।

କ୍ୟାଚ୍ ଦ ରେନ୍ ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ଗୃହ ଓ ସହରାଂଚଲ ବ୍ୟାପାର୍ ମନ୍ତ୍ରଣାଳୟ ତର୍‌ଫୁ ଅମୃତ ୨.୦ ଯୋଜନା ଅଧୀନଥି ସହରାଂଚଲ୍ ନ ବର୍ଷା ପାଏନ୍ ସଂରକ୍ଷଣ, ଭୂତଳ ଜଳ ପୁର୍ନଭରଣ, ଜଳାଶୟ ପୁନରୁଦ୍ଧାର ଆଉ ସ୍ଥାୟୀ ଜଳ ପରିଚାଳନା କ୍ଷେତ୍ରଥି ବହୁତ୍‌ଟେ ପଦକ୍ଷେପ ନିଆଯାଉଛେ । ପାଏନ୍ ସୁରକ୍ଷା ସୁନିର୍ଶ୍ଚିତ୍ କର୍‌ବାର୍ ଆଉ ଜଳ୍‌ବାୟୁ ପରିବର୍ତନ୍ ପରିସ୍ଥିତିର୍ ମୁକାବିଲା କର୍‌ବାର୍ ଇ କାର୍ଯ୍ୟକ୍ରମ୍‌ର ମୂଳ୍ ଲକ୍ଷ୍ୟ ଆଏ । ଅଭିଯାନ୍ ଅଧୀନ୍‌ଥି ଦେଶର୍

୨୭ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ନ ପଖାପାଖି ୯ ଶହ ଟା ସହରାଂଚଲ୍ ସ୍ଥାନୀୟ ସଂସ୍ଥା ସକ୍ରିୟ ଭାବେ ସାମିଲ୍ ହେଇଛନ୍ ।

ମିଶନ୍ ଫିଟ୍-ନୂଆପଡ଼ା          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ପୁଲିସ୍ ତରଫୁ ମିଶନ୍ ଫିଟ୍- ନୂଆପଡ଼ା ଅଭିଯାନ୍‌ଥି ୫ କିଲୋମିଟର୍ ୱାକାଥନ୍ ଆୟୋଜିତ୍ ହେଇଯାଇଛେ । ସୁସ୍ଥ ଶରୀର୍, ସୁଦୃଢ଼ ମନ୍ ଆଉ ନିଶାମୁକ୍ତ ସମାଜ୍ ଗଠନ୍‌ର ବାର୍ତା ନେଇକରି ହେଇଥିବା ଇ ୱାକାଥନ୍‌କେ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଆଉ ଆରକ୍ଷୀ ଅଧୀକ୍ଷକ୍ ଅମ୍ରିତ୍ ପାଲ୍ ସିଂ ପତାକା ଦେଖେଇକରି ଶୁଭାରମ୍ଭ କରିଥିଲେ ।

ବିକ୍ରମ ୱାନ୍-ପିଏମ୍       ଆର୍‌ଏନ୍‌ୟୁ/ କଟକ୍

ଘରୋଇ ଭାବେ ବିକଶିତ୍ ପହେଲା ମହାକାଶ୍ ପ୍ରକ୍ଷେପଣ ଯାନ 'ବିକ୍ରମ ଓ୍ୱାନ୍' ସଫଲତାର୍ ସହେତେ କକ୍ଷପଥ ନ ଅବସ୍ଥାପିତ୍ ହେଇଛେ । ମିଶନ୍ ଆଗମନ ଅଧୀନ୍‌ଥି ଆନ୍ଧ୍ରପ୍ରଦେଶ୍‌ର ଶ୍ରୀହରିକୋଟାର ସତୀଶ୍‌ଧାଓ୍ୱନ୍ ମହାକାଶ୍ କେନ୍ଦ୍ରନୁ ଦୁଇପହରର୍ ୧୨ ବାଜିକରି ୫ ମିନିଟ୍‌ଥି ଇଟାର୍ ଉତ୍‌କ୍ଷେପଣ୍ କରାଯାଇଥିଲା । ଇଟା ସଫଲତାର୍ ସହେତେ ନିଜର୍ କକ୍ଷପଥ ପ୍ରକ୍ଷେପଣ କ୍ଷମତା ହାସଲ୍ କର୍‌ବାର୍‌ଥି ଭାରତ୍ ପୁର୍‌ଥିର୍ ୩ ନମ୍ବର୍ ରାଷ୍ଟ୍ର ହେଇଛେ । ଇ ମହାକାଶ୍‌ଯାନକେ ହାଇଦ୍ରାବାଦ ଭିତିକ ଏରୋସ୍ପେଶ୍ ଷ୍ଟାର୍ଟଅପ୍ ସ୍କାଇରୁଟ୍ ତର୍‌ଫୁ ତିଆର୍ କରାଯାଇଛେ । ଭାରତୀୟ ମହାକାଶ୍ କାର୍ଯ୍ୟକ୍ରମ୍‌ର ଜନକ ଡକ୍ଟର ବିକ୍ରମ ସରାଭାଇଙ୍କର୍ ନାଁଥି ନାମିତ ଇ ବିକ୍ରମ୍-ଓ୍ୱାନ୍ ମହାକାଶ ଯାନ ପୃଥିବୀର୍ ନିମ୍ନ କକ୍ଷ ମଣ୍ଡଲ୍ ନ ଅବସ୍ଥାପିତ୍ ହେବାର୍‌ଥି ସକ୍ଷମ୍ ହେଇଛେ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇ ସଫଲତା ଲାଗି ସ୍କାଇରୁଟ୍ ଏରୋସ୍ପେସ୍ ସଂସ୍ଥାକେ ଶୁଭେଚ୍ଛା ଜନେଇଛନ୍ । ଇଥି ସାମିଲ୍ କର୍ମକର୍ତାଙ୍କର୍ ସାଙ୍ଗେ ଶ୍ରୀ ମୋଦୀ ଟେଲିଫୋନ୍‌ଥି ଆଲୋଚନା କରିଛନ୍ । ଶ୍ରୀ ମୋଦୀ କହିଛନ୍, ଇ ସଫଲତା

ଯୁବବର୍ଗଙ୍କୁ ପ୍ରୋତ୍ସାହନ୍ ଆଉ ନବସୃଜନ୍ କ୍ଷେତ୍ରଥି ପ୍ରେରଣା ଯୁଗାବା ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଉତର-ପଶ୍ଚିମ ବଙ୍ଗୋପସାଗର ଆଉ ତାର୍ ପାଖର୍ ଉତର ଓଡ଼ିଶା ଆଉ ପଶ୍ଚିମବଙ୍ଗ ସମୁଦ୍ର ଖଁଡ଼ି ନ ସକ୍ରିୟ ଲଘୁଚାପ ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର୍ ସୂଚନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ୬ ଟା ଜିଲ୍ଲାକେ ଜବର୍ ବର୍ଷା ଲାଗି ସତର୍କ ସୂଚ୍‌ନା ଜାରି କରାଯାଇଛେ ।